# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16 September – 2026

************************************

## ମୁଖ୍ୟ ସମ୍ବାଦ

- କର୍ମଚାରୀ ଭବିଷ୍ୟନିଧି ସଂଗଠନ ଅଧୀନରେ ମାସିକ ବେତନ ସୀମା ୨୫ ହଜାର ଟଙ୍କା ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ
- ଦେଶବ୍ୟାପୀ ଆସନ୍ତାକାଲିଠାରୁ ଏକମାସ ପର୍ଯ୍ୟନ୍ତ ସେବା ସଂକଳ୍ପ ଅଭିଯାନ

– ଘରେ ଘରେ ଦୀପ ପ୍ରଜ୍ୱଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟବାସୀଙ୍କୁ ନିବେଦନ

- ୨୦୨୪ ବର୍ଷ ପାଇଁ ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇବେ କିମ୍ବଦନ୍ତୀ କନ୍ନଡ଼ ଅଭିନେତା ଅନନ୍ତ ନାଗ
- ସମ୍ବଲପୁରରେ ୯୬୦ କୋଟି ଟଙ୍କାର ୫୦ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

– କହିଲେ, ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ସ୍ଥାପନ ହେବ ଡପଲର ରାଡାର

ଏବଂ

- ଉତ୍ତର ଆଣ୍ଡାମାନ ସାଗରରେ ଆସନ୍ତା ଶନିବାର ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା

Desk

## ଇପିଏଫ୍‌ଓ ଦରମା ବୃଦ୍ଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ– ଇ.ପି.ଏଫ୍.ଓ. ଅଧୀନରେ ମାସିକ ବେତନ ସୀମାକୁ ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ନିଷ୍ପତ୍ତି ଦ୍ୱାରା ୫୧ ଲକ୍ଷରୁ ଅଧିକ ଅତିରିକ୍ତ କର୍ମଚାରୀ ବାଧ୍ୟତାମୂଳକ ଇପିଏଫ୍‌ଓ ପରିସରଭୁକ୍ତ ହେବେ । ଫଳରେ କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ପରିସର ଅଧିକ ବୃଦ୍ଧି ପାଇପାରିବ । ଏଥିପାଇଁ ସରକାର ବାର୍ଷିକ ୧୧ ହଜାର ୩୩୯ କୋଟି ଟଙ୍କାର ଖର୍ଚ୍ଚ ବହନ କରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**- V/O -**

ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୦୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଇପିଏଫ୍‌ଓ'ର ଦରମା ସୀମା ଅପରିବର୍ତ୍ତିତ ରହିଥିଲା, ଯାହା ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ୨୦୧୪ରେ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା । ବର୍ତ୍ତମାନର ଏହି ନିଷ୍ପତ୍ତି କର୍ମଚାରୀଙ୍କ ଆୟବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

Desk

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୫୦ ବର୍ଷର ନିରବଚ୍ଛିନ୍ନ ସେବା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଭାବେ ୨୫ ବର୍ଷର ନେତୃତ୍ୱ ସମଗ୍ର ଦେଶକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ରଭାବେ ଗଢ଼ିତୋଳିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଯାତ୍ରାକୁ ସମ୍ମାନ ଜଣାଇ ଦେଶରେ ଆସନ୍ତାକାଲିଠାରୁ ଏକମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେବାକୁ ଯାଉଛି । ଶ୍ରୀ ମୋଦୀଙ୍କ ଏହି ଯାତ୍ରା 'ଜନସେବାରୁ ଦେଶସେବାର ମନ୍ତ୍ର' ନିରନ୍ତର ପ୍ରତିବଦ୍ଧତାକୁ ସୂଚାଉଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସରକାର ଅନବରତ କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତୀକରଣ ମାଧ୍ୟମରେ ଏହି ସମର୍ପଣଭାବ ଲୋକଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରୁଛି। ସେବା ସଂକଳ୍ପ ଅଭିଯାନ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି...

**- V/O -**

ଏହି ଅଭିଯାନ ଅଧୀନରେ ଆସନ୍ତାକାଲି ଭୁବନେଶ୍ୱର ଗୁପ୍ତେଶ୍ୱର ମନ୍ଦିରରେ ଦୀପଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସୁଶାସନକୁ ସମ୍ମାନ ଦେବା ପାଇଁ ଘରେ ଘରେ ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଦୀପ ପ୍ରଜ୍ୱଳନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଦନ କରିଛନ୍ତି। ଏହି ଅବସରରେ ସେବା ଜ୍ୟୋତି ଯାତ୍ରା, ନମୋ

ସେବା ଗାଥା, ସ୍ୱପ୍ନର ଭାରତ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସମ୍ପର୍କ ଯାତ୍ରା, ଚାରାରୋପଣ ଓ ରକ୍ତଦାନ ଭଳି ଶିବିର ମହତ୍ କାର୍ଯ୍ୟ ଅନୁଷ୍ଠିତ ହେବ।

I&PR

## ଦୀପ ପ୍ରଜ୍ୱଳନ

ସୁଭଦ୍ରା ଯୋଜନାର ସଫଳ ଦୁଇବର୍ଷ ପୂରଣ ଅବସରରେ ଆସନ୍ତାକାଲି ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଘରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ଆଜି ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଦୁଇବର୍ଷ ମଧ୍ୟରେ ପାଞ୍ଚଟି କିସ୍ତି ଜରିଆରେ ୧ କୋଟି ୩ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର- ଡିବିଟି ମାଧମରେ ୨୫ ହଜାର ୮୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ଆଇ.ଆଇ.ଏମ୍. ସମ୍ବଲପୁର, ଏସ୍.ବି.ଆଇ. ଏବଂ ନୀତି ଆୟୋଗର ଆକଳନ ଅନୁଯାୟୀ, ଏହି ଯୋଜନା ଯୋଗୁଁ ରାଜ୍ୟର ୨୬ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳା' ଉଦ୍ୟୋଗୀ ହୋଇ ଆତ୍ମନିର୍ଭରଶୀଳ ପାରିଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତାକାଲିକୁ ମହିଳା ସଶକ୍ତୀକରଣ ଓ ଆତ୍ମସମ୍ମାନର ସଂକଳ୍ପର ଦିବସଭାବେ ପାଳନ କରାଯିବ। ଏହି ଉପଲକ୍ଷେ ରାଜ୍ୟର ସମସ୍ତ ସମନ୍ୱିତ ଶିଶୁ ବିକାଶ ଯୋଜନା-ଆଇ.ସି.ଡି.ଏସ୍.

ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ସି.ଡି.ପି.ଓ'ଙ୍କ କାର୍ଯ୍ୟାଳୟଗୁଡ଼ିକରେ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିସହ ପୋଷଣ ଅଭିଯାନ ମାଧ୍ୟମରେ ଓଡ଼ିଶାକୁ ଶତପ୍ରତିଶତ କୁପୋଷଣମୁକ୍ତ କରି ଏକ 'ସୁପୋଷିତ ଓ ବିକଶିତ ଓଡ଼ିଶା' ଗଠନ ପାଇଁ ବିଭାଗ ସଂକଳ୍ପବଦ୍ଧ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

Desk

## ଦାଦା ସାହେବ ଫାଲ୍‌କେ ଆୱାର୍ଡ

ଭାରତୀୟ ସିନେମାରେ ବଳିଷ୍ଠ ଅବଦାନ ପାଇଁ କିମ୍ବଦନ୍ତୀ କନ୍ନଡ଼ ଅଭିନେତା ଅନନ୍ତ ନାଗ ୨୦୨୪ ବର୍ଷ ପାଇଁ ପାଇବେ ଦାଦା ସାହେବ ଫାଲ୍‌କେ ପୁରସ୍କାର। ଅଙ୍କୁର, ନିଶାନ୍ତ, ମନ୍ଥନ, ଭୂମିକା ଆଦି ୨୫୦ରୁ ଊର୍ଦ୍ଧ୍ୱ କନ୍ନଡ଼ ଚଳଚ୍ଚିତ୍ରରେ ନିଜର ନିଖୁଣ ଅଭିନୟ ପ୍ରଦର୍ଶନ କରି ସିନେମା ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଶ୍ରୀ ନାଗ ହିନ୍ଦୀ, ତେଲୁଗୁ, ତାମିଲ, ମରାଠି, ମାଲାୟାଲମ ଓ ଇଂରାଜୀ ଭାଷାରେ ମଧ୍ୟ ବିଭିନ୍ନ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଶ୍ରୀ ନାଗଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ସିନେମା ଜଗତକୁ ତାଙ୍କର ବଳିଷ୍ଠ ଅବଦାନ  ଦଶନ୍ଧି ଦଶନ୍ଧି ଧରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ।

Sambalpur

## ଡପଲର ରାଡାର ଉଦ୍‌ଘାଟନ

ଧନଜୀବନ ସୁରକ୍ଷା ଓ ଜଳସେଚନ ପାଇଁ ଡପଲର ରାଡାର ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟଠାରେ ଓଡ଼ିଶାର

ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ ମେକ୍ ଇନ୍ ଇଣ୍ଡିଆ ଡପଲର୍ ପାଣିପାଗ ରାଡାର୍‌ର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ବିକାଶମୂଳକ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୪ ଘଣ୍ଟା କାର୍ଯ୍ୟକ୍ଷମ ହେବାର ଦକ୍ଷତା ରଖିଥିବା ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ଅନୁମାନ କରିପାରିବ। ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳ ଉପକୃତ ହେବ। ପ୍ରାକ୍ ମୌସୁମୀ ଝଡ଼ବର୍ଷା, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ପରେ ବରଗଡ଼ ସମେତ ସମଗ୍ର ମହାନଦୀ ଅବବାହିକାର ଚାଷୀମାନେ ବିଶେଷ ଉପକୃତ ହେବେ। ଏଥିସହିତ ବିଦ୍ୟୁତ, ଶିଳ୍ପ, ପରିବହନ, ଗ୍ରୀଡ୍ ଅପରେସନ୍ କ୍ଷେତ୍ରରେ ଏହା ଏକ ସତର୍କତାମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିବ। ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର, ପୁରୀରେ ମଧ୍ୟ ଡପଲର ରାଡାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ 'ମାସେବ୍ୟାପୀ ସେବା ସଂକଳ୍ପ ଅଭିଯାନ', 'ଆଶୀର୍ବାଦର ଦୀପ' ଏବଂ 'ଏକ ପେଡ଼ ମା' କେ ନାମ୍' କାର୍ଯ୍ୟକ୍ରମରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଯୋଗଦେଇ କହିଛନ୍ତି, ଦେଶରେ ଆଉ ୪୦ଟି ଡପଲର୍ ରାଡାର ସ୍ଥାପନ କରାଯିବ। ଫଳରେ ସମଗ୍ର ଓଡ଼ିଶାର କୋଣଅନୁକୋଣ ପାଇଁ ଠିକ ପାଣିପାଗ ଆକଳନ କରାଯାଇପାରିବ। ଜଳବାୟୁ ସହନଶୀଳ ରାଜ୍ୟଭାବେ ଓଡ଼ିଶାର ଏହି ନୂତନ ଅଭ୍ୟୁଦୟ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ସିଂହ କହିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ ଓ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

Nayagda

## ରବିଦାସଙ୍କ ୬୫୦ତମ ଜୟନ୍ତୀ

ନୟାଗଡ଼ ଜିଲ୍ଲା କଣ୍ଟିଲୋର ନୀଳମାଧବ ପୀଠ ଅନ୍ତର୍ଗତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସନ୍ଥ ଶିରୋମଣି ଗୁରୁ ରବିଦାସଙ୍କ ୬୫୦ତମ ଜୟନ୍ତୀ ଅବସରରେ ଏକ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମରସ ସଂକଳ୍ପ ଅଭିଯାନ ଅନ୍ତର୍ଗତ କଳସ ବନ୍ଦନ

ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

Puri

# ଋଷୀ ପଞ୍ଚମୀ

ପୁରୀ ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆଜି ଋଷି ପଞ୍ଚମୀ ବ୍ରତ ନୀତି ସହ ଦାହଲୀଳା ପ୍ରସ୍ତାବ ନୀତି ପାଳିତ ହେବ । ସ୍ୱୟଂ ମହାଲକ୍ଷ୍ମୀ ଏହି ଋଷି ପଞ୍ଚମୀବ୍ରତ ପାଳନ କରିଥାନ୍ତି ବୋଲି ବିଶ୍ୱାସ ଥିବାରୁ ଶ୍ରୀମନ୍ଦିରରେ ଏଥିପାଇଁ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ ।  ଶ୍ରୀକୃଷ୍ଣ ଲୀଳା କ୍ରମରେ ଆଜି ସନ୍ଧ୍ୟା ଧୂପନୀତି ବଢ଼ିବା ପରେ ଦାହଲୀଳା ପ୍ରସ୍ତାବ ନୀତି ପାଳିତ ହେବ ।

Desk

## ୧୧ ଜଣ ମୃତ୍ୟୁ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ୧୧ ଜଣଙ୍କର ପ୍ରାଣହାନୀ ଘଟିଛି । ଭଦ୍ରକ ଚାନ୍ଦବାଲିରେ ଜଣେ, ସୁନ୍ଦରଗଡ଼ର ବୀରମିତ୍ରପୁରରେ ୩, ଗଞ୍ଜାମ ଆସିକାରେ ୨, ଜଗତସିଂହପୁରେ ୪ ଓ ଗଞ୍ଜାମ ଦିଗହପଣ୍ଡିରେ ପାଣିରେ ବୁଡ଼ି ଜଣଙ୍କ ମୃତ୍ୟୁ ହୋଇଛି ।

Desk

# ପାଣିପାଗ

ଉତ୍ତର ଥାଇଲାଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଆସନ୍ତା ଶନିବାର ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପରେ

ପରିଣତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପରବର୍ତ୍ତୀ ୩ରୁ ୪ ଦିନ ମଧ୍ୟରେ ଏହା ପଶ୍ଚିମ–ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳମୁହାଁ ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ରାଜ୍ୟରେ ଆଜିଠାରୁ ପୁଣି ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।